# NATIONAL NEWS BULLETIN (ODIA)

**25 January - 2025**

**Mid Bulletin : 1.50 p.m.**

---

## ମୁଖ୍ୟ ସମ୍ବାଦ

- ୭୬ତମ ସାଧାରଣତନ୍ତ୍ର ଦିବସ ଅବ୍ୟବହିତ ପୂର୍ବରୁ ଆଜି ସନ୍ଧ୍ୟାରେ ଦେଶବାସୀଙ୍କୁ ସମ୍ବୋଧନ କରିବେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ
- ଜାତୀୟ ଭୋଟର ଦିବସ ପାଳନ ପରିପ୍ରେକ୍ଷୀରେ ଜନସାଧାରଣଙ୍କୁ ଶୁଭେଚ୍ଛା ଜଣାଇଲେ ପ୍ରଧାନମନ୍ତ୍ରୀ
- ଆସନ୍ତାକାଲିଠାରୁ ଚୀନ୍‌କୁ ଦୁଇଦିନିଆ ଗସ୍ତରେ ଯିବେ ବୈଦେଶିକ ସଚିବ
- ମୁମ୍ବାଇ ଆତଙ୍କବାଦୀ ଆକ୍ରମଣରେ ସଂଶ୍ଳିଷ୍ଟ ତାହାଉର ରାଣାଙ୍କୁ ଭାରତ ପ୍ରତ୍ୟର୍ପଣ ପାଇଁ ଅନୁମତି ପ୍ରଦାନ କଲେ ଆମେରିକାର ସର୍ବୋଚ୍ଚ ଅଦାଲତ

ଏବଂ

- ହକି ଇଣ୍ଡିଆ ଲିଗ୍‌ର ପୁରୁଷ ବର୍ଗରେ ଆଜି ତାମିଲନାଡୁ ଡ୍ରାଗନ୍ସ ଏବଂ ଟିମ୍ ଗୋନାସିକା ମଧ୍ୟରେ ମୁକାବିଲା ହେବାକୁ ଥିବା ବେଳେ ହାଇଦ୍ରାବାଦ ତୁଫାନ୍ସ ଓ ୟୁପି ରୁଦ୍ରାସ ପରସ୍ପରକୁ ଭେଟିବେ ।

---

## ପ୍ରେଜ୍-ଆଡ୍ରେସ୍ ଆର୍.ଡେ

୭୬ତମ ସାଧାରଣତନ୍ତ୍ର ଦିବସର ଅବ୍ୟବହିତ ପୂର୍ବରୁ ଆଜି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଦେଶବାସୀଙ୍କୁ ସମ୍ବୋଧନ କରିବେ ।

ରାଷ୍ଟ୍ରପତିଙ୍କ ଅଭିଭାଷଣ ସନ୍ଧ୍ୟା ୭ଟାରୁ ଆକାଶବାଣୀର ସମସ୍ତ ଜାତୀୟ ନେଟଓ୍ୱାର୍କ ଏବଂ ଦୂରଦର୍ଶନର ସମସ୍ତ ଚ୍ୟାନେଲ୍‌ରେ ପ୍ରଥମେ ହିନ୍ଦୀ ଏବଂ ପରେ ଇଂରାଜୀରେ ପ୍ରସାରଣ ହେବ । ଦୂରଦର୍ଶନରେ ହିନ୍ଦୀ ଓ ଇଂରାଜୀ ଭାଷାରେ ଅଭିଭାଷଣ ପ୍ରସାରଣ ପରେ ଆଞ୍ଚଳିକ ଚ୍ୟାନେଲ୍ ଗୁଡ଼ିକ ଦ୍ୱାରା ଆଞ୍ଚଳିକ ଭାଷାରେ ପ୍ରସାରଣ କରାଯିବ । ରାଷ୍ଟ୍ରପତିଙ୍କ ଅଭିଭାଷଣର ଆଞ୍ଚଳିକ ଭାଷାନ୍ତରଣ ଆକାଶବାଣୀର ସମସ୍ତ ଆଞ୍ଚଳିକ ନେଟଓ୍ୱାର୍କରେ ରାତି ୯ଟା ୩୦ ମିନିଟ୍‌ରେ ପ୍ରସାରଣ କରାଯିବ ।

ରାଷ୍ଟ୍ରପତିଙ୍କ ଅଭିଭାଷଣର ସିଧା ପ୍ରସାରଣ ପରିପ୍ରେକ୍ଷୀରେ ଆଜିର ଜାତୀୟ ସମ୍ବାଦ ସନ୍ଧ୍ୟା ୭ଟା ୧୫ ମିନିଟ୍ ପରିବର୍ତ୍ତେ ରାତି ୮ଟାରେ ପ୍ରସାରଣ କରାଯିବ ।

---

# ସିଧା ପ୍ରସାରଣ

ନୂଆଦିଲ୍ଲୀର କର୍ତ୍ତବ୍ୟପଥରେ ହେବାକୁ ଥିବା ୭୬ତମ ସାଧାରଣତନ୍ତ୍ର ଦିବସ ପରେଡର ସିଧା ପ୍ରସାରଣ ଆକାଶବାଣୀ ଓ ଦୂରଦର୍ଶନ ମାଧ୍ୟମରେ ପ୍ରସାରଣ କରାଯିବ । ଏଥିସହିତ ଓ୍ୱେବ୍‌ସ ଓଟିଟି ପ୍ଲାଟଫର୍ମରେ ମଧ୍ୟ ଏହାର ସିଧାପ୍ରସାରଣ କରାଯିବ । ସୂଚନା ଓ ପ୍ରସାରଣ ସଚିବ ସଂଜୟ ଯାଜୁ କର୍ତ୍ତବ୍ୟପଥଠାରେ ଏହାର ପ୍ରସ୍ତୁତି ନେଇ ଗତକାଲି ସମୀକ୍ଷା କରିଛନ୍ତି । ନିରବଚ୍ଛିନ୍ନ ପ୍ରସାରଣକୁ ସୁନିଶ୍ଚିତ କରିବା ପାଇଁ ସମସ୍ତେ ନିଷ୍ଠାର ସହ କାର୍ଯ୍ୟ କରୁଛନ୍ତି ବୋଲି ଶ୍ରୀ ଯାଜୁ କହିଛନ୍ତି । ଏଥିପାଇଁ ସମସ୍ତ ପ୍ରକାର ଆନୁସଙ୍ଗିକ ବ୍ୟବସ୍ଥା ଶେଷ ପର୍ଯ୍ୟାୟରେ ପହଞ୍ଚିଛି । ପ୍ରସାର ଭାରତୀର କାର୍ଯ୍ୟନିର୍ବାହୀ ଅଧିକାରୀ ଗୌରବ ଦ୍ୱିବେଦୀ କହିଛନ୍ତି, ଉଚ୍ଚଗୁଣବତ୍ତା ସଂପନ୍ନ ଫଟୋ ରିଜୋଲ୍ୟୁସନକୁ ସୁନିଶ୍ଚିତ କରିବା ଲକ୍ଷ୍ୟରେ ସ୍ୱତନ୍ତ୍ର କ୍ୟାମେରା ବ୍ୟବସ୍ଥା ହୋଇଛି ।

---

# ପିଏମ୍-ନ୍ୟାଶନାଲ୍ ଭୋଟର୍ସ ଡେ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ଜାତୀୟ ଭୋଟର ଦିବସ ଉପଲକ୍ଷେ ଜନସାଧାରଣଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ଏକ ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଶ୍ରୀ ମୋଦୀ କହିଛନ୍ତି ଯେ ଏହି ଦିନ ଭାରତର ଗଣତନ୍ତ୍ରକୁ ପାଳନ କରିବା ସହିତ ପ୍ରତ୍ୟେକ ନାଗରିକଙ୍କୁ ସେମାନଙ୍କର ଭୋଟଦାନର ଅଧିକାର ଉପରେ ସଚେତନ କରାଇବା ହେଉଛି ଏହି ଦିବସ ପାଳନର ତାତ୍ପର୍ଯ୍ୟ । ସେ ଆହୁରି ମଧ୍ୟ କହିଛନ୍ତି ଯେ, ଏହା ରାଷ୍ଟ୍ରର ଭବିଷ୍ୟତକୁ ରୂପ ଦେବାରେ ଜନସାଧାରଣଙ୍କ ଅଂଶଗ୍ରହଣକୁ ଗୁରୁତ୍ୱପୂର୍ଣ୍ଣ ବୋଲି ଦର୍ଶାଉଛି ।

ଏହି ପରିପ୍ରେକ୍ଷୀରେ ଦୃଷ୍ଟାନ୍ତମୂଳକ ପ୍ରୟାସ ଗ୍ରହଣ କରିଥିବାରୁ ପ୍ରଧାନମନ୍ତ୍ରୀ ମୋଦୀ ନିର୍ବାଚନ ଆୟୋଗଙ୍କୁ ପ୍ରଶଂସା କରିଛନ୍ତି । ଶ୍ରୀ ମୋଦୀ ଭାରତକୁ ଗଣତନ୍ତ୍ରର ଜନନୀ ବୋଲି ଅଭିହିତ କରିଥିବା ବେଳେ ବିଗତ ଦଶନ୍ଧିଗୁଡ଼ିକରେ ଦେଶର ଗଣତନ୍ତ୍ର ସୁଦୃଢ଼ ଓ ସମୃଦ୍ଧ ହୋଇଛି ବୋଲି କହିଛନ୍ତି ।

ମୁଖ୍ୟ ନିର୍ବାଚନ କମିଶନର ରାଜୀବ କୁମାର କହିଛନ୍ତି, ଜାତୀୟ ଭୋଟର ଦିବସ କେବଳ ନିର୍ବାଚନ କମିଶନଙ୍କ ପ୍ରତିଷ୍ଠାକୁ ପାଳନ କରିବାର ଅବସର ନୁହେଁ, ବରଂ ଗଣତନ୍ତ୍ରର ଭାବନାକୁ ସମ୍ମାନ ଦେବାର ଏକ ସୁଯୋଗ ।

ଜାତୀୟ ଭୋଟର ଦିବସ ପାଳନ ଅବସରରେ ଶ୍ରୀ କୁମାର କହିଛନ୍ତି, ଭାରତୀୟ ନିର୍ବାଚନ ଆୟୋଗ ଦେଶସେବାର ୭୫ ବର୍ଷ ପୂରଣ

କରୁଥିବାରୁ ଚଳିତବର୍ଷ ଏହି ଦିବସ ବିଶେଷ ଗୁରୁତ୍ୱ ବହନ କରିଥାଏ । ଗତବର୍ଷ ଲୋକସଭା ନିର୍ବାଚନରେ ୬୪ ଦଶମିକ ୬ କୋଟି ମତଦାତା ନିଜର ମତାଧିକାର ସାବ୍ୟସ୍ତ କରି ବିଶ୍ୱ ରେକର୍ଡ ସୃଷ୍ଟି କରିବା ସହ ଭାରତର ଗଣତାନ୍ତ୍ରିକ ପ୍ରକ୍ରିୟାକୁ ବିଶ୍ୱ ଦରବାରରେ ପ୍ରତିଷ୍ଠିତ କରିଛନ୍ତି ।

## ପ୍ରେଜ୍-ପିଏମ୍ ସୁବି ଆଣ୍ଟୋ

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ନୂଆଦିଲ୍ଲୀର ରାଷ୍ଟ୍ରପତି ଭବନଠାରେ ଇଣ୍ଡୋନେସିଆର ରାଷ୍ଟ୍ରପତି ପ୍ରବୋ ସୁବିଆଣ୍ଟୋଙ୍କୁ ସମ୍ବର୍ଦ୍ଧନା ଜଣାଇଛନ୍ତି । ଏହି ଅବସରରେ ଶ୍ରୀ ସୁବିଆଣ୍ଟୋ କହିଛନ୍ତି ଯେ ଭାରତ ଇଣ୍ଡୋନେସିଆ ମଧ୍ୟରେ ଅତୁଟ ବନ୍ଧୁତ୍ୱ ରହିଛି । ଇଣ୍ଡୋନେସିଆର ସ୍ୱାଧୀନତାକୁ ଭାରତ ପ୍ରଥମ ଦେଶ ଭାବରେ ସ୍ୱୀକୃତି ପ୍ରଦାନ କରିଥିଲା । ସାଧାରଣତନ୍ତ୍ର ଦିବସରେ ଆସନ୍ତାକାଲି ମୁଖ୍ୟଅତିଥି ଭାବେ ଯୋଗ ଦେଉଥିବାରୁ ସେ ଖୁସି ବ୍ୟକ୍ତ କରିଛନ୍ତି । ଶ୍ରୀ ସୁବିଆଣ୍ଟୋ ମଧ୍ୟ ରାଜଘାଟ ଯାଇ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ସମ୍ମାନ ଜଣାଇଥିଲେ ।

## ଆକାଶବାଣୀ ପୋଏଟ୍ରି

ପ୍ରତିବର୍ଷ ଭଳି ଚଳିତବର୍ଷ ମଧ୍ୟ ସାଧାରଣତନ୍ତ୍ର ଦିବସ ପୂର୍ବ ସନ୍ଧ୍ୟାରେ ଆକାଶବାଣୀର ବହୁଚର୍ଚ୍ଚିତ କାର୍ଯ୍ୟକ୍ରମ ସର୍ବଭାଷା କବି ସମ୍ମିଳନୀ ଆଜି ରାତି ୧୦ଟାରେ ଆକାଶବାଣୀର ସମସ୍ତ ନେଟୱାର୍କରେ ପ୍ରସାରିତ ହେବ । ଏଥିରେ ଦେଶର ପ୍ରାୟ ୪୦୦ ଜଣ କବି ଗୋଟିଏ ମଞ୍ଚରେ ଏକାଠି ହୋଇ କବିତା ପାଠ କରିବେ ।

୧୯୫୬ ମସିହାରେ ଆରମ୍ଭ ହୋଇଥିବା ସର୍ବଭାଷା କବି ସମ୍ମିଳନୀ ହେଉଛି ସମସ୍ତ ଭାରତୀୟ ଭାଷାର ସମସାମୟିକ କବିତାର ସମନ୍ୱିତ ଉପସ୍ଥାପନା । ଏହି ମଞ୍ଚ ଜରିଆରେ ଜାତୀୟ ଏକତା ଏବଂ ଭାଷାଗତ ସୌହାର୍ଦ୍ଦ୍ୟକୁ ଏକ ସୃଜନଶୀଳ ପରିଚୟ ମିଳିଥାଏ ।

---

# ମିଶ୍ରି-ଚୀନ୍

ବୈଦେଶିକ ସଚିବ ବିକ୍ରମ ମିଶ୍ରି ଆସନ୍ତାକାଲିଠାରୁ ଦୁଇଦିନିଆ ଚୀନ ଗସ୍ତରେ ଯିବେ । ନୂଆଦିଲ୍ଲୀଠାରେ ଗତକାଲି ଏ ସଂପର୍କରେ ସୂଚନା ଦେଇ ବୈଦେଶିକ ମନ୍ତ୍ରଣାଳୟର ମୁଖପାତ୍ର ରଣଧୀର ଜୟସ୍ୱାଲ କହିଛନ୍ତି, ଶ୍ରୀ ମିଶ୍ରି ତାଙ୍କ ଚୀନ୍ ପ୍ରତିପକ୍ଷଙ୍କ ସହ ଦ୍ୱିପାକ୍ଷିକ ପ୍ରସଙ୍ଗ ନେଇ ଆଲୋଚନା କରିବାର କାର୍ଯ୍ୟସୂଚୀ ରହିଛି ।  ବାଂଲାଦେଶ ସୀମାରେ ବାଡ଼ ଲଗାଇବା ସଂକ୍ରାନ୍ତ ଏକ ପ୍ରଶ୍ନର ଉତ୍ତର ଦେଇ ଶ୍ରୀ ଜୟସ୍ୱାଲ କହିଛନ୍ତି, ଏଥିପାଇଁ ଭାରତ ଏବଂ ବାଂଲାଦେଶ ମଧ୍ୟରେ ଚୁକ୍ତି ସ୍ୱାକ୍ଷରିତ ହୋଇଛି । ଦୁଇଦେଶ ମଧ୍ୟରେ ଅପରାଧିକ କାର୍ଯ୍ୟକଳାପକୁ ପ୍ରତିହତ କରିବା ଲକ୍ଷ୍ୟରେ ଏଭଳି ପଦକ୍ଷେପ ନିଆଯାଇଛି । ଚୁକ୍ତି ଅନୁଯାୟୀ, ଦୁଇ ଦେଶର ସୀମାର  ଉଭୟ ପାର୍ଶ୍ୱରେ ବାଡ଼ ଲଗାଯାଉଛି। ଅନ୍ୟ ରାଷ୍ଟ୍ରରେ ଅନୁପ୍ରବେଶକାରୀ ଭାବେ ବସବାସ କରୁଥିବା ଭାରତୀୟଙ୍କୁ ସ୍ୱଦେଶ ଫେରାଇ ଆଣିବା ପାଇଁ ସରକାର ପଦକ୍ଷେପ ନେଉଛନ୍ତି ବୋଲି ସେ ସୂଚନା ଦେଇଛନ୍ତି ।

ଶ୍ରୀ ଜୟସ୍ୱାଲ କହିଛନ୍ତି, ଭାରତ ଏବଂ ଆମେରିକା ମଧ୍ୟରେ ଦ୍ୱିପାକ୍ଷିକ ସଂପର୍କ ସୁଦୃଢ଼ ରହିଛି । ଉଭୟ ଦେଶ ମଧ୍ୟରେ ବିଭିନ୍ନ ଆହ୍ୱାନର ଗଠନମୂଳକ ସମାଧାନ ନେଇ ସକାରାତ୍ମକ ଆଲୋଚନା

ହୋଇଛି ଏବଂ ଏ ଦିଗରେ ଦୁଇଦେଶର ସହମତି ରହିଛି ବୋଲି ସେ କହିଛନ୍ତି ।

ରୁଷ ଏବଂ ୟୁକ୍ରେନ୍ ଯୁଦ୍ଧ ପ୍ରସଙ୍ଗରେ ଶ୍ରୀ ଜୟସ୍ୱାଲ କହିଛନ୍ତି, ଭାରତ ଦୁଇପକ୍ଷ ମଧ୍ୟରେ ଶାନ୍ତି ପ୍ରତିଷ୍ଠା ନେଇ ସର୍ବଦା ନିଜର ଆଭିମୁଖ୍ୟ ସ୍ପଷ୍ଟ କରିଛି । ଆଲୋଚନା ଏବଂ କୂଟନୈତିକ କଥାବାର୍ତ୍ତା ମାଧ୍ୟମରେ ବିବାଦର ଶାନ୍ତିପୂର୍ଣ୍ଣ ସମାଧାନ ଭାରତ ଚାହୁଁଛି ବୋଲି ଶ୍ରୀ ଜୟସ୍ୱାଲ କହିଛନ୍ତି ।

## ଜେକେ-ଡିଜିଜ୍

ଜାମ୍ମୁ କାଶ୍ମୀରର ରାଜୌରୀ ଜିଲ୍ଲା ଅନ୍ତର୍ଗତ କୋଟ୍ରାଙ୍କା ସବ୍‌ଡିଭିଜନର ବଧାନ ଅଞ୍ଚଳରେ ଅଜଣା କାରଣ ଜନିତ ରହସ୍ୟଜନକ ମୃତ୍ୟୁରେ ଆଉ ୯ ଜଣ ଆକ୍ରାନ୍ତ ହୋଇଥିବା ଜଣାପଡ଼ିଛି । ସେମାନଙ୍କୁ ଗତକାଲି ରାଜୌରୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଥିଲା । ତେବେ ସେମାନଙ୍କର ସ୍ୱାସ୍ଥ୍ୟରେ ସୁଧାର ଆସିଥିବା ଜଣାପଡ଼ିଛି । ଇତିମଧ୍ୟରେ ଏହି ଅଜଣା ରୋଗର କାରଣ ଜାଣିବା ପାଇଁ କେନ୍ଦ୍ରଶାସିତ ଅଞ୍ଚଳ ସରକାରଙ୍କ ଦ୍ୱାରା ଗଠିତ ୧୧ ଜଣିଆ ସ୍ୱତନ୍ତ୍ର ତଦନ୍ତକାରୀ ଦଳ ଅନୁସନ୍ଧାନ କରୁଛି । ଏହି ଘଟଣାରେ ଏ ପର୍ଯ୍ୟନ୍ତ ୧୦୦ରୁ ଅଧିକ ଲୋକଙ୍କୁ ଗିରଫ କରାଯାଇଥିବା ଜଣାପଡ଼ିଛି । ସ୍ୱରାଷ୍ଟ୍ରମନ୍ତ୍ରୀଙ୍କ ଦ୍ୱାରା ନିୟୋଜିତ ଆନ୍ତଃ ମନ୍ତ୍ରଣାଳୟର କେନ୍ଦ୍ରୀୟ ଦଳ ପ୍ରଭାବିତ ଅଞ୍ଚଳରେ ରହି ଖାଦ୍ୟ ଏବଂ ଅନ୍ୟାନ୍ୟ ସାମଗ୍ରୀର ୨୦୦ରୁ ଅଧିକ ନମୁନା ସଂଗ୍ରହ କରିଥିଲେ।

ସୂଚନାଯୋଗ୍ୟ ଏଥିରେ ଇତିମଧ୍ୟରେ ୧୭ ଜଣ ଲୋକଙ୍କର ମୃତ୍ୟୁ ହୋଇସାରିଛି ।

# ୟୁଏସ୍ ଏସ୍‌ସି ତାହାଉର ରଣା

ଆମେରିକାର ସର୍ବୋଚ୍ଚ ଅଦାଲତ ମୁମ୍ବାଇ ଆତଙ୍କବାଦୀ ଆକ୍ରମଣର ଦୋଷୀ ତାହାଉର ରାଣାଙ୍କୁ ଭାରତକୁ ପ୍ରତ୍ୟର୍ପଣ କରିବାକୁ ଅନୁମତି ପ୍ରଦାନ କରିଛନ୍ତି । ଏଥିସହିତ ତାଙ୍କ ଦଣ୍ଡାଦେଶ ବିରୁଦ୍ଧରେ ଏକ ସମୀକ୍ଷା ଆବେଦନକୁ ଅଦାଲତ ଖାରଜ କରିଦେଇଛନ୍ତି । ଭାରତ’ ପାକିସ୍ତାନୀ ବଂଶୋଦ୍ଭବ କାନାଡାର ବ୍ୟବସାୟୀ ରାଣାଙ୍କୁ ପ୍ରତ୍ୟର୍ପଣ କରିବାକୁ ବାରମ୍ବାର ଦାବି କରିଆସୁଥିଲା ।

ରାଣା ୨୦୦୮ ମୁମ୍ବାଇ ଆତଙ୍କବାଦୀ ଆକ୍ରମଣରେ ପ୍ରମୁଖ ଭୂମିକା ଗ୍ରହଣ କରିଥିବାର ଅଭିଯୋଗ ହୋଇଥିବା ବେଳେ ଏଥିରେ ୧୬୦ ଜଣଙ୍କର ମୃତ୍ୟୁ ହୋଇଥିଲା । ଆକ୍ରମଣର ଅନ୍ୟତମ ମୁଖ୍ୟ ଷଡ଼ଯନ୍ତ୍ରକାରୀ ପାକିସ୍ତାନୀ-ଆମେରିକୀୟ ଅତାଙ୍କବାଦୀ ଡେଭିଡ୍ କୋଲ୍ ମ୍ୟାନ୍ ହେଡ୍‌ଲୀଙ୍କ ସହ ସେ ସଂପୃକ୍ତ ଥିବା ନେଇ ଅଭିଯୋଗ ହୋଇଥିଲା ।

୬୪ ବର୍ଷୀୟ ରାଣାଙ୍କୁ ସଂପ୍ରତି ଲସ୍ ଏଞ୍ଜେଲ୍‌ସର ମେଟ୍ରୋ ପଲିଟାନ୍ ଡିଟେନସନ କେନ୍ଦ୍ରରେ ବନ୍ଦୀ ଭାବେ ରଖାଯାଇଛି ।

---

# ମହାକୁମ୍ଭ-ଆୟୁଷ

ପ୍ରୟାଗରାଜଠାରେ ଚାଲିଥିବା ମହାକୁମ୍ଭ ମେଳାରେ ଆୟୁଷ ମନ୍ତ୍ରଣାଳୟ ତରଫରୁ ଦେଶ ଏବଂ ବିଦେଶରୁ ଆସିଥିବା ଭକ୍ତ, ଶ୍ରଦ୍ଧାଳୁ ଏବଂ ଦର୍ଶନାର୍ଥୀମାନଙ୍କୁ ମାଗଣାରେ ସ୍ୱାସ୍ଥ୍ୟସେବା ଯୋଗାଇ ଦିଆଯାଉଛି । ୧ଲକ୍ଷ ୨୧ ହଜାର ଶ୍ରଦ୍ଧାଳୁ ବର୍ତ୍ତମାନ ସୁଦ୍ଧା ଆୟୁଷ ସ୍ୱାସ୍ଥ୍ୟସେବାର ସୁବିଧା ନେଇଛନ୍ତି ବୋଲି ଆମ ସମ୍ବାଦଦାତା ଜଣାଇଛନ୍ତି । ମହାକୁମ୍ଭ ମେଳାରେ

୨୪ ଘଣ୍ଟିଆ ସ୍ୱାସ୍ଥ୍ୟସେବା ଯୋଗାଇଦେବା ପାଇଁ ୮୦ ଜଣ ଡାକ୍ତରଙ୍କ ସହିତ ୨୦ଟି ଓପିଡି କେନ୍ଦ୍ର ଖୋଲାଯାଇଛି । ଏହି ଓପିଡି କେନ୍ଦ୍ରରେ ସାଧାରଣ ତଥା ଅନ୍ୟାନ୍ୟ ରୋଗର ଚିକିତ୍ସା କରାଯାଉଛି । ମେଳାର ସଂଗମ ସ୍ଥାନରେ ମୋରାରଜୀ ଦେଶାଇ ଜାତୀୟ ଯୋଗ ଅନୁଷ୍ଠାନ ଦ୍ୱାରା ସକାଳେ ବିଭିନ୍ନ ଯୋଗ ଅଧିବେଶନ ମାନ କରାଯାଉଛି । ବିଶେଷକରି ଆୟୁଷ ଟିମ୍ ତରଫରୁ ମହାକୁମ୍ଭକୁ ଆସିଥିବା ବରିଷ୍ଠ ଲୋକମାନଙ୍କୁ ସ୍ୱତନ୍ତ୍ର ସହାୟତା ପ୍ରଦାନ କରାଯାଉଛି ।

---

## ହକି

ହକି ଇଣ୍ଡିଆ ଲିଗ୍‌ର ପୁରୁଷ ବର୍ଗରେ ଆଜି ସନ୍ଧ୍ୟା ୬ଟାରେ ତାମିଲନାଡୁ ଡ୍ରାଗନ୍ସ ଓ ଟିମ୍ ଗୋନାସିକା ମଧ୍ୟରେ ଏବଂ ରାତି ୮ଟା ୧୫ ମିନିଟ୍‌ରେ ହାଇଦ୍ରାବାଦ ତୁଫାନ୍ସ ଓ ୟୁପି ରୁଦ୍ରାସ୍ ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହେବ ।

ଅନ୍ୟପକ୍ଷରେ ଆସନ୍ତାକାଲି ରାଞ୍ଚିଠାରେ ସୁର୍‌ମା ହକି କ୍ଲବ ଓ ଓଡ଼ିଶା ୱାରିଅର୍ସ ମଧ୍ୟରେ ଫାଇନାଲ୍ ମ୍ୟାଚ୍ ଅନୁଷ୍ଠିତ ହେବ ।

## କ୍ରିକେଟ୍

ଚେନ୍ନାଇର ଏମ୍.ଏ. ଚିଦାମ୍ବରମ୍ ଷ୍ଟାଡିୟମରେ ଆଜି ଭାରତ ଓ ଇଂଲଣ୍ଡ ମଧ୍ୟରେ ଦ୍ୱିତୀୟ ଟି-୨୦ କ୍ରିକେଟ୍ ମ୍ୟାଚ୍ ଖେଳାଯିବ । ସନ୍ଧ୍ୟା ୭ଟାରେ ମ୍ୟାଚ୍ ଆରମ୍ଭ ହେବ । ସୂର୍ଯ୍ୟ କୁମାର ଯାଦବଙ୍କ ନେତୃତ୍ୱରେ ଭାରତୀୟ ଦଳ ୫ ମ୍ୟାଚ୍ ବିଶିଷ୍ଟ ଶୃଙ୍ଖଳାରେ ୧-୦ରେ ଆଗୁଆ ରହିଛି ।

ଗତ ବୁଧବାର କୋଲକାତାରେ ଖେଳାଯାଇଥିବା ସିରିଜ୍‌ର ପ୍ରଥମ ମ୍ୟାଚ୍‌ରେ ଭାରତ’ ଇଂଲଣ୍ଡକୁ ୭ ଓ୍ୱିକେଟ୍‌ରେ ପରାସ୍ତ କରିଥିଲା ।

................................................................................................